# NATIONAL NEWS BULLETIN (ODIA)

## 10 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଆଜି ସମାପନ ଦିବସରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆଜିଠାରୁ ଆରମ୍ଭ ହେବ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ।
- ଦିଲ୍ଲୀ ବିଧାନସଭା ନିର୍ବାଚନା ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।
- ମହାକୁମ୍ଭ ମେଳାଲାଗି ପ୍ରୟାଗରାଜରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ।

– ଆଜି ଲୋକାର୍ପଣ ହେବ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ।

ଏବଂ

- ମହିଳା ଦିନିକିଆ କ୍ରିକେଟ୍ ଶୃଙ୍ଖଳାରେ ଆଜି ମୁହାଁମୁହିଁ ହେବେ ଭାରତ ଓ ଆୟରଲାଣ୍ଡ ।

# ପ୍ରେଜ୍-ପ୍ରବାସୀ ଭାରତୀୟ ସମ୍ମାନ

ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଗତ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରାୟ ୭୫ଟି ଦେଶରୁ ଏହି ସମ୍ମିଳନୀରେ ସାମିଲ ହୋଇଥିବା ବହୁ ସଂଖ୍ୟକ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବେ । ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀର ଆଜି ହେଉଛି ଶେଷ ଦିନ । ଗତକାଲି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ପ୍ରବାସୀ ଭାରତୀୟମାନଙ୍କୁ ଆଜି ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ । ପ୍ରବାସୀ ଭାରତୀୟ, ଭାରତୀୟ ବଂଶୋଦ୍ଭବ, ସେମାନଙ୍କ ଦ୍ୱାରା ପରିଚାଳିତ ସଂଗଠନ ଯେଉଁମାନେ ବିଦେଶରେ ରହି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତଥା ଭାରତ ଏବଂ ବିଦେଶ ମଧ୍ୟରେ ସୁ-ସଂପର୍କ ସ୍ଥାପନ ଦିଗରେ ଅବଦାନ ଦେଇଛନ୍ତି, ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ।

# ବିକଶିତ ଭାରତ-ଡାଏଲଗ୍

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମରେ ଆଜିଠାରୁ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଆରମ୍ଭ ହେବ । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ବିକଶିତ ଭାରତ ପାଇଁ ଅଭିନବ ସମାଧାନ ଉପସ୍ଥାପନ କରିବା ଲାଗି ସୁଯୋଗ ପ୍ରଦାନ କରିବ । ଯୁବ ନେତୃତ୍ୱଙ୍କୁ ଦେଶର ଭବିଷ୍ୟତ ଗଠନରେ ଜାତୀୟ ଏବଂ ଆନ୍ତର୍ଜାତିକ ନେତୃତ୍ୱଙ୍କ ସହ ସିଧାସଳଖ ଯୋଗାଯୋଗ କରିବାର ଏହି ମଞ୍ଚ ସହାୟକ ହେବ । ମନ୍ତ୍ରଣାଳୟ କହିଛି, ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦ ଲକ୍ଷ ଯୁବକ ଯୁବତୀ ସେମାନଙ୍କ ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ପାଇଁ ସାରା ଦେଶରୁ ୩ ହଜାର ଯୁବକଯୁବତୀଙ୍କୁ ଚୟନ କରାଯାଇଛି । ୧୦ଟି ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ଉପସ୍ଥାପନା କରିବେ । ବିଶେଷତଃ ବିକଶିତ ଭାରତ, କୃଷି ଉତ୍ପାଦକତା ବୃଦ୍ଧି, ଷ୍ଟାର୍ଟଅପ୍ ଓ ଭବିଷ୍ୟତ ଭିତ୍ତିଭୂମି ନିର୍ମାଣ ଆଦି ବିଷୟରେ ପ୍ରତିଯୋଗୀମାନେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିବେ ବୋଲି ଜଣାପଡ଼ିଛି ।

# ଦିଲ୍ଲୀ ଆସେମ୍ବ୍ଲି ନୋଟିଫିକେସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ସୂଚନା ଅନୁଯାୟୀ ପ୍ରାର୍ଥୀମାନେ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି ।

ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ମତଦାନ ହେବ । ଫେବୃୟାରୀ ୮ ତାରିଖରେ ଭୋଟ୍‌ଗଣତି କରାଯାଇ ସେହିଦିନ ଫଳାଫଳ ପ୍ରକାଶ ପାଇବ । ଦିଲ୍ଲୀରେ ୧ କୋଟି ୫୫ ଲକ୍ଷରୁ ଅଧିକ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରେ ୮୩ ଲକ୍ଷରୁ ଅଧିକ ପୁରୁଷ ଓ ୭୧ ଲକ୍ଷରୁ ଅଧିକ ମହିଳା ଭୋଟର ଅଛନ୍ତି । ଇତିମଧ୍ୟରେ ଶାସକ ଆମ୍ ଆଦମୀ ପାର୍ଟି ସମସ୍ତ ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ୨୯ ଏବଂ କଂଗ୍ରେସ ୪୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୨୦ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ୬୨ଟି ଆସନ ପାଇଥିବା ବେଳେ ବିଜେପିକୁ ୮ଟି ଆସନ ମିଳିଥିଲା ।

# ଡବ୍ଲ୍ୟୁସିଡି-ଚିନ୍ତନ ଶିବିର

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣାଦେବୀ ଆଜି ରାଜସ୍ଥାନର ଉଦୟପୁର ଠାରେ ତିନି ଦିନିଆ ଚିନ୍ତନ ଶିବିରକୁ ଉଦ୍‌ଘାଟନ କରିବେ । ସାରା ଦେଶରେ ମହିଳା ଓ ଶିଶୁଙ୍କ ସାମଗ୍ରୀକ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିନିଧିଙ୍କ ସହିତ ଏହି ଶିବିରରେ ଆଲୋଚନା ହେବ । କାର୍ଯ୍ୟକ୍ରମରେ ଆହ୍ୱାନ ଗୁଡ଼ିକର ମୁକାବିଲା, ସମସ୍ୟା ସମାଧାନ ଓ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତ ଆଦାନପ୍ରଦାନ କରିବା ପାଇଁ ଏହି ଶିବିର ଏକ ପ୍ରକୃଷ୍ଟ ମଞ୍ଚ ବୋଲି କୁହାଯାଇଛି ।

ଶିବିରରେ ମିଶନ ବାତ୍ସଲ୍ୟ, ମିଶନ ଶକ୍ତି ଏବଂ ମିଶନ୍ ସକ୍ଷମ ଅଙ୍ଗନବାଡ଼ି ଓ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ସମେତ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯିବ । ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରାଯାଇ ଦେଶରେ ମହିଳା ଓ ଶିଶୁ ବିକାଶକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯିବ ।

ଏହି ଶିବିରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଉପମୁଖ୍ୟମନ୍ତ୍ରୀ ଦୀୟା କୁମାରୀ ଓ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀମାନେ ଉପସ୍ଥିତ ରହିବେ ।

# ମହାକୁମ୍ଭ

ଚଳିତ ମାସ ୧୩ ତାରିଖରୁ ଆସନ୍ତା ମାସ ୨୬ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭମେଳା ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପୌଷ ପୂର୍ଣ୍ଣିମାରେ ଦ୍ୱୀପ ଅମୃତ ସ୍ନାନରୁ ଆରମ୍ଭ ହୋଇ ୨୦୨୫ର ଶେଷ ଅମୃତ ସ୍ନାନ ସହିତ ମହା ଶିବରାତ୍ରି ଦିନ ସମାପ୍ତ ହେବ ।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଚଳିତ ବର୍ଷ ୪୦ କୋଟିରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଛି । ମହାକୁମ୍ଭ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ଏହି ମେଳାରେ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ହେବ ବୋଲି ଆକଳନ କରାଯାଇଛି । ଗତ ସନ୍ଧ୍ୟାରେ ମହାକୁମ୍ଭର ପ୍ରସ୍ତୁତି ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି । ସେ କହିଛନ୍ତି, ପ୍ରୟାଗରାଜରେ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଦୁଇ ଦିନିଆ ପ୍ରୟାଗରାଜ ଗସ୍ତରେ ଯାଇଥିବା ଶ୍ରୀ ଆଦିତ୍ୟନାଥ ଗତକାଲି ଡିଜିଟାଲ୍ ମିଡିଆ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି । ଏହି ମେଳା ପାଇଁ ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି ।

ମହାକୁମ୍ଭ ନଗରର ମନ୍ଦିର ଓ ପ୍ରମୁଖ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମହାକୁମ୍ଭ ମେଳା ଅଞ୍ଚଳ, ପ୍ରୟାଗରାଜ ଏବଂ ଆଖପାଖ ଜିଲ୍ଲା ଗୁଡ଼ିକରେ ଗୁଇନ୍ଦା ବ୍ୟବସ୍ଥା ସକ୍ରିୟ ହୋଇଛି । ସମଗ୍ର ଅଞ୍ଚଳରେ ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ଓ ସତର୍କତା ନିମନ୍ତେ ସୁରକ୍ଷାବଳ ମୁତୟନ କରାଯାଇଛି । ଉତ୍ତରପ୍ରଦେଶ ସରକାର ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ମେଳାରେ ସରକାରଙ୍କ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଜଳ ପୋଲିସ୍ ମାନଙ୍କୁ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି ।

## କୁମ୍ଭବାଣୀ ଲଞ୍ଚ

ମହାକୁମ୍ଭ ୨୦୨୫କୁ ସମର୍ପିତ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ଆଜି ଲୋକାର୍ପଣ ହେବ । ଉତ୍ତରପ୍ରଦେଶର ପ୍ରୟାଗରାଜରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଚ୍ୟାନେଲ୍‌ର ଶୁଭାରମ୍ଭ କରିବେ । ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଆଭାସି ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ଶ୍ରୀ ଆଦିତ୍ୟନାଥ କୁମ୍ଭ ମଙ୍ଗଳ ଧୁନ୍‌କୁ ମଧ୍ୟ ଉନ୍ମୋଚନ କରିବେ ।

ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ଆଜିଠାରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୫ଟା ୫୫ ମିନିଟ୍‌ରୁ ରାତି ୧୦ଟା ୫ ମିନିଟ୍ ପର୍ଯ୍ୟନ୍ତ ମହାକୁମ୍ଭ ଉପରେ ଆଧାରିତ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ପ୍ରସାରଣ କରିବ । କୁମ୍ଭବାଣୀ ଚ୍ୟାନେଲ୍ ମାଧ୍ୟମରେ ଅମୃତ ସ୍ନାନର ସିଧାପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ୧୦୩ ଦଶମିକ୍ ୫ ମେଗାହଜ୍ ଫ୍ରିକ୍ୱେନ୍ସି ଯୋଗେ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଏବଂ ୱେଭ୍‌ସ୍ ଓ.ଟି.ଟି. ପ୍ଲାଟ୍‌ଫର୍ମରେ ଶୁଣାଯାଇ ପାରିବ ।

## କାନାଡ଼ା-ପିଏମ୍ କ୍ୟାଣ୍ଡେଟ୍

କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଇସ୍ତଫା ପରେ ଭାରତୀୟ ବଂଶୋଦ୍ଭବ ସାଂସଦ ଚନ୍ଦ୍ର ଆର୍ଯ୍ୟ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ ହେବେ । ଉପଭୋକ୍ତା କାର୍ବନ ଟିକସ ହଟାଇବା ଏବଂ କାନାଡ଼ାରେ ଗଣତନ୍ତ୍ରର ପୁନଃ ସ୍ଥାପନ ପାଇଁ ଓଟାୱା ସାଂସଦ ଆର୍ଯ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

କର୍ଣ୍ଣାଟକର ତୁମକୁର୍ ଜିଲ୍ଲାର ଦ୍ୱାରଲୁ ଗାଁର ବାସିନ୍ଦା ଚନ୍ଦ୍ର ଆର୍ଯ୍ୟ ୨୦୦୬ ଠାରୁ କାନାଡ଼ାରେ ରହୁଛନ୍ତି । ୨୦୧୫ ମସିହାରେ କାନାଡ଼ା ସଂସଦ ନିର୍ବାଚନରେ ସେ ନେପିୟାନ୍‌ରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ପରେ ୨୦୧୯ ଏବଂ ୨୦୨୧ ନିର୍ବାଚନରେ ମଧ୍ୟ

ନିର୍ବାଚିତ ହୋଇଥିଲେ । ତେବେ ସେ ଆନ୍ତର୍ଜାତିକ ବାଣିଜ୍ୟ ଉପରେ ସ୍ଥାୟି କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ପଦ ପାଇଁ ଲିବରାଲ୍ ପାର୍ଟିର ସାଂସଦ ଫ୍ରାଙ୍କ୍ ବେଲିସ୍ ପ୍ରାର୍ଥୀ ହେବେ । ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଟ୍ରୁଡୋ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିଯୁକ୍ତ ହେବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ୱିମ୍ୟାନ୍ କ୍ରିକେଟ୍ ଓ.ଡି.ଆଇ.

ମହିଳା କ୍ରିକେଟ୍‌ରେ ଭାରତ ଓ ଆୟାର୍‌ଲାଣ୍ଡ ମଧ୍ୟରେ ତିନିଦିନିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି ଗୁଜରାଟର ରାଜକୋଟ୍ ସ୍ଥିତ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଖେଳାଯିବ । ପୂର୍ବାହ୍ନ ୧୧ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟକ ଭାବେ ସ୍ମୃତି ମନ୍ଧାନା ଏବଂ ଉପ-ଅଧିନାୟକ ଭାବେ ଦୀପ୍ତି ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ହରମନପ୍ରୀତ କୌର ଓ ରେଣୁକା ସିଂହ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି ।

ଅନ୍ୟ ପକ୍ଷରେ ଗ୍ୟାବି ଲୁଇସ୍ ଏବଂ ଓର୍ଲା ପ୍ରେଣ୍ଡରଗାଷ୍ଟ ଆୟର୍‌ଲାଣ୍ଡ ଦଳର ନେତୃତ୍ୱ ନେଉଛନ୍ତି । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା

ରବିବାର ଦିନ ଏବଂ ତୃତୀୟ ମ୍ୟାଚ୍ ଚଳିତ ମାସ ୧୫ ତାରିଖରେ ଖେଳାଯିବ ।

ଗତ ମାସରେ ଅନୁଷ୍ଠିତ ଦିନିକିଆ ଶୃଙ୍ଖଳାରେ ଭାରତ ୱେଷ୍ଟଇଣ୍ଡିଜ୍‌କୁ ୩-୦ରେ ପରାସ୍ତ କରିଥିଲା । ୨୦୦୬ ମସିହା ପରେ ଆୟରଲ୍ୟାଣ୍ଡ ବିପକ୍ଷରେ ଭାରତର ଏହା ପ୍ରଥମ ଦ୍ୱିପାକ୍ଷିକ ମହିଳା ଦିନିକିଆ ଶୃଙ୍ଖଳା ଖେଳାଯିବ । ଶେଷ ଥର ପାଇଁ ୨୦୨୩ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଉଭୟ ଦଳ ମୁହାଁମୁହିଁ ହୋଇଥିଲେ ଏବଂ ଭାରତୀୟ ମହିଳା ଦଳ ୫ରନ୍‌ରେ ବିଜୟ ଲାଭ କରିଥିଲା ।